CS (MAIN) EXAM:2018

# ଓଡ଼ିଆ (ପତ୍ର—II)

( ସାହିତ୍ୟ )

| ସମୟ : ତିନିଘଣ୍ଟା | ପୂର୍ଣ୍ଣ ସଂଖ୍ୟା : 250 |
|---|---|

## ପ୍ରଶ୍ନପତ୍ରଭିତ୍ତିକ ନିର୍ଦ୍ଦେଶ

**ଉତ୍ତର ପ୍ରଦାନ କରିବା ପୂର୍ବରୁ ନିମ୍ନଲିଖିତ ନିର୍ଦ୍ଦେଶାବଳୀ ଯତ୍ନପୂର୍ବକ ପାଠ କରିବା ଅନିବାର୍ଯ୍ୟ**

ଏଥିରେ ଦୁଇଟି ଭାଗରେ ବିଭକ୍ତ ସମୁଦାୟ **ଆଠୋଟି** ପ୍ରଶ୍ନ ପ୍ରଦତ୍ତ।

ପରୀକ୍ଷାର୍ଥୀଙ୍କୁ ତନ୍ମଧ୍ୟରୁ **ପାଞ୍ଚୋଟି** ପ୍ରଶ୍ନର ଉତ୍ତର ଦେବାକୁ ହେବ।

ପ୍ରଥମ **(1)** ଓ ପଞ୍ଚମ **(5)** ପ୍ରଶ୍ନ ବାଧ୍ୟତାମୂଳକ। ଏତଦ୍‌ବ୍ୟତୀତ ବାକି ପ୍ରଶ୍ନଗୁଡ଼ିକ ମଧ୍ୟରୁ ପ୍ରତ୍ୟେକ ଭାଗରୁ ଅନ୍ୟୂନ **ଗୋଟିଏ** କରି ଯେକୌଣସି **ତିନୋଟି** ପ୍ରଶ୍ନର ଉତ୍ତର ଦେବାକୁ ପଡ଼ିବ।

ପ୍ରତ୍ୟେକ ପ୍ରଶ୍ନ / ପ୍ରଶ୍ନାଂଶ ପାର୍ଶ୍ୱରେ ତା'ର ମୂଲ୍ୟ ନିର୍ଦ୍ଦେଶିତ।

ସମସ୍ତ ପ୍ରଶ୍ନର ଉତ୍ତର **ଓଡ଼ିଆରେ** ଲେଖିବାକୁ ହେବ।

ଯେଉଁଠାରେ ପ୍ରଶ୍ନର ଉତ୍ତର ପାଇଁ ଶବ୍ଦସଂଖ୍ୟା ନିର୍ଦ୍ଧାରିତ କରାଯାଇଛି, ଉତ୍ତର ଅନୁରୂପଭାବେ ପ୍ରଦାନ କରିବା ବିଧେୟ।

ପ୍ରଦତ୍ତ ପ୍ରଶ୍ନର ଉତ୍ତରଗୁଡ଼ିକ କ୍ରମାନ୍ୱୟରେ ପ୍ରଦାନ କରାଯିବା ବିଧେୟ। ସ୍ପଷ୍ଟରୂପେ କଟାଯାଇ ନ ଥିଲେ, ଆଂଶିକଭାବେ ପ୍ରଦତ୍ତ ଯେକୌଣସି ଉତ୍ତର ମଧ୍ୟ ବିଚାରଯୋଗ୍ୟ ହେବ। ଉତ୍ତରପତ୍ରର ଅଲିଖିତ ପୃଷ୍ଠା ବା ପୃଷ୍ଠାଂଶ ସ୍ପଷ୍ଟରୂପେ କଟାଯିବା ବିଧେୟ।

# ODIA (PAPER—II)

( LITERATURE )

| Time Allowed : Three Hours | Maximum Marks : 250 |
|---|---|

## QUESTION PAPER SPECIFIC INSTRUCTIONS

**Please read each of the following instructions carefully before attempting questions**

There are EIGHT questions divided in two Sections.

Candidate has to attempt FIVE questions in all.

Question Nos. **1** and **5** are compulsory and out of the remaining, THREE are to be attempted choosing at least ONE from each Section.

The number of marks carried by a question/part is indicated against it.

Answers must be written in ODIA (Odia script).

Word limit in questions, wherever specified, should be adhered to.

Attempts of questions shall be counted in sequential order. Unless struck off, attempt of a question shall be counted even if attempted partly. Any page or portion of the page left blank in the Answer Book must be clearly struck off.

## SECTION—A

**1.** ନିମ୍ନପ୍ରଦତ୍ତ ପ୍ରଶ୍ନମାନଙ୍କର ଉତ୍ତର ଲେଖ। ପ୍ରତ୍ୟେକ ଉତ୍ତର *150* ଶବ୍ଦ ମଧ୍ୟରେ ଲେଖିବାକୁ ହେବ : 10×5=50

*(a)* ''ନୀତି ଓ ନିୟମ ସୁଶାସନ ଲାଗି ଏକାନ୍ତ ଦରକାର।'' 'ଶାନ୍ତିପର୍ବ' ଅବଲମ୍ବନରେ ବିଶ୍ଳେଷଣ କର।

*(b)* ''ଭାଗବତର ପ୍ରତିଟି ପଦ ଓଡ଼ିଆଙ୍କ ଜନଜୀବନ ବେଦୀରେ ଅସ୍ମିତାର ମହାମନ୍ତ୍ର।'' ବ୍ୟାଖ୍ୟା କର।

*(c)* ଓଭିଡ୍‌ଙ୍କ ଆପୋଲୋ ଓ ଡାଫନୀର କାହାଣୀର ଆଧାରରେ 'ଚନ୍ଦ୍ରଭାଗା'ର କଥାବସ୍ତୁ ପରିକଳ୍ପିତ। ସତ୍ୟତା ପ୍ରମାଣ କର।

*(d)* ଇଷ୍ଟଦେବ ସ୍ତୁତି, ବିଷୟ ବର୍ଣ୍ଣନା, ଖଳନିନ୍ଦା ଓ ସାଧୁମାନଙ୍କର ପ୍ରଶସ୍ତି। 'ଲାବଣ୍ୟବତୀ'ର ପଠିତାଂଶ ଅବଲମ୍ବନରେ ଆଲୋଚନା କର।

*(e)* 'ଜୀବନ ଚିତା' କବିତା ଅବଲମ୍ବନରେ କବିଙ୍କର ଆଧ୍ୟାତ୍ମିକ ଚେତନାର ପ୍ରତିଫଳନ ଉପରେ ଆଲୋକପାତ କର।

**2.** ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ :

*(a)* ''ସାରଳା ମହାଭାରତ ଏକ ମୌଳିକ ଗ୍ରନ୍ଥ।'' 'ଶାନ୍ତିପର୍ବ' ଅବଲମ୍ବନରେ ଆଲୋଚନା କର। 20

*(b)* ପଦାନ୍ତରହୀନ ପଦଲାଳିତ୍ୟ ହେଉଛି ରସକଲ୍ଲୋଳ କାବ୍ୟ-ସୌଷ୍ଠବର ଅନନ୍ୟ ବୈଶିଷ୍ଟ୍ୟ। ବିଚାର କର। 15

*(c)* 'ଜୀବନ ଚିତା' କବି ମାୟାଧର ମାନସିଂହଙ୍କ ଜୀବନବୋଧର ପ୍ରତିଲିପି। ପ୍ରତିପାଦନ କର। 15

**3.** ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ :

*(a)* ନିପୁଣ କାବ୍ୟ-କୌଶଳ ଏବଂ କଥାବସ୍ତୁର ପରିପୂର୍ଣ୍ଣ ଉପସ୍ଥାପନା ଦୃଷ୍ଟିରୁ 'ରସକଲ୍ଲୋଳ' ଏକ ଅନବଦ୍ୟ ସୃଷ୍ଟି। ବିଶ୍ଳେଷଣ କର। 20

*(b)* ଲାବଣ୍ୟବତୀର ପୂର୍ବଜନ୍ମବୃତ୍ତାନ୍ତ ସମ୍ପର୍କରେ ଆଲୋଚନା କର। 15

*(c)* ପ୍ରୟୋଗବାଦୀ କାବ୍ୟଧାରାର ଶିଳ୍ପଚାତୁର୍ଯ୍ୟ ସମ୍ବଳିତ ବୌଦ୍ଧିକ ସୃଷ୍ଟି 'କବିତା ୧୯୬୨'। ସମୀକ୍ଷା କର। 15

**4.** ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ :

*(a)* ''ରମାକାନ୍ତ ରଥଙ୍କ 'ସପ୍ତମ ଋତୁ' ମରଣୋତ୍ତର ଏକ ଅଜଣା ଅମଡ଼ାବାଟର ସନ୍ଧାନ ପଥରେ।'' ବିଚାର କର। 20

*(b)* 'ଚନ୍ଦ୍ରଭାଗା' ଅବଲମ୍ବନରେ କବି ରାଧାନାଥଙ୍କର ପ୍ରକୃତି ପ୍ରାଣତାର ପରିଚୟ ପ୍ରଦାନ କର। 15

*(c)* ''ଗୁରୁ ହିଁ ଜୀବନର ମାର୍ଗଦର୍ଶକ।'' 'ଯଦୁ ଅବଧୂତ ସଂବାଦ' ଅବଲମ୍ବନରେ ତାତ୍ପର୍ଯ୍ୟ ବିଚାର କର। 15

## SECTION—B

**5.** ନିମ୍ନପ୍ରଦତ୍ତ ପ୍ରଶ୍ନମାନଙ୍କର ଉତ୍ତର ଲେଖ। ପ୍ରତ୍ୟେକ ଉତ୍ତର *150* ଶବ୍ଦ ମଧ୍ୟରେ ଲେଖିବାକୁ ହେବ : 10×5=50

*(a)* ''ପୁଣ୍ୟର ଜୟ, ଏବଂ ପାପର କ୍ଷୟ''—ଏହି ଦର୍ଶନ ଉପରେ 'ଛ'ମାଣ ଆଠଗୁଣ୍ଠ' ଉପନ୍ୟାସର ପରିକଳ୍ପନା। ଆଲୋଚନା କର।

*(b)* 'ଦାନାପାଣି' ଉପନ୍ୟାସ ଅବଲମ୍ବନରେ ତତ୍କାଳୀନ ସମାଜର ଚିତ୍ର ପ୍ରଦାନ କର।

*(c)* 'ମୁଁ ସତ୍ୟଧର୍ମା କହୁଛି' ପ୍ରବନ୍ଧରେ କାବ୍ୟିକ ଓ ନାଟକୀୟତାର ମଧୁର ସମନ୍ୱୟ ଦୃଷ୍ଟିଗୋଚର ହୁଏ। ବିଶ୍ଳେଷଣ କର।

*(d)* ''ପରଜନ୍ମରେ ଏ ପାପିଷ୍ଠ ଯେହ୍ନେ ଜିହ୍ୱାହୀନ ହୋଇ ଭୂମିଷ୍ଠ ହେଉ।'' 'ଲକ୍ଷ୍ମୀର ଅଭିସାର' ଗଳ୍ପ ଅବଲମ୍ବନରେ ଲେଖକଙ୍କ ଦୃଷ୍ଟିଭଙ୍ଗୀ ବିଶ୍ଳେଷଣ କର।

*(e)* 'ତଟ ନିରଂଜନା' ଇତିହାସ, ପୁରାଣ ଓ ଆଧୁନିକତାର ଏକ ମଧୁର ସମନ୍ୱୟ—ଆଲୋଚନା କର।

**6.** ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ :

*(a)* ପରୀକ୍ଷାମୂଳକ ନାଟକ ଭାବରେ 'କାଠଘୋଡ଼ା'ର ବୈଶିଷ୍ଟ୍ୟ ବର୍ଣ୍ଣାଅ। 20

*(b)* ବସ୍ତୁବାଦୀ ସଭ୍ୟତାର ପ୍ରୋତ୍ସାହନ ସରୋଜିନୀକୁ କିପରି ନର୍କଗାମୀ କରିଛି, 'ଦାନାପାଣି' ଉପନ୍ୟାସ ଅବଲମ୍ବନରେ ଆଲୋଚନା କର। 15

*(c)* ଓଡ଼ିଶାର କୃଷିଭିତ୍ତିକ ସମାଜରେ ଜମିଦାରୀ ଦୌରାତ୍ମ୍ୟର ନିଖୁଣ ଚିତ୍ର 'ଛ'ମାଣ ଆଠଗୁଣ୍ଠ'ରେ କିପରି ବର୍ଣ୍ଣିତ, ପ୍ରମାଣ କର। 15

**7.** ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ :

*(a)* ''ଶିକ୍ଷା ଯୁଗ ଅନୁସାରେ ହେବା ଉଚିତ୍।'' 'ତରଙ୍ଗ ଓ ତଡ଼ିତ୍' ଗ୍ରନ୍ଥ ଅବଲମ୍ବନରେ ଏହାର ସାର୍ଥକତା ବିଚାର କର। 20

*(b)* ଧର୍ମ ଓ ଈଶ୍ୱରବିଶ୍ୱାସ କିପରି ସମାଜରୁ ନିର୍ବାସିତ ହୋଇଯାଉଛି ତା'ର ଚିତ୍ର 'ମରାଳର ମୃତ୍ୟୁ' ସଂକଳନ ଅବଲମ୍ବନରେ ପ୍ରତିପାଦନ କର। 15

*(c)* '' 'ତଟ ନିରଂଜନା'ର ବୁଦ୍ଧ ସର୍ବଶେଷ ବୁଦ୍ଧ ନୁହନ୍ତି।'' ବିବେଚନା କର। 15

**8.** ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ :

*(a)* 'ମରାଳର ମୃତ୍ୟୁ' ଗଳ୍ପ ସଂକଳନ ଅବଲମ୍ବନରେ ସୁରେନ୍ଦ୍ର ମହାନ୍ତିଙ୍କ ଭାଷାଶୈଳୀ ଓ ବିଷୟ ବିନ୍ୟାସର ସ୍ୱାତନ୍ତ୍ର୍ୟ ବିଚାର କର। 20

*(b)* ସମାଜ ଓ ଜୀବନର ନିଗୂଢ଼ ସତ୍ୟର ଅନୁସନ୍ଧାନ ସଂପର୍କରେ 'ମୁଁ ସତ୍ୟଧର୍ମା କହୁଛି'କୁ ଭିତ୍ତି କରି ବିବେଚନା କର। 15

*(c)* ନେତା ଓ ପୂଜକ କିପରି ପରମ୍ପରାଗତ ଧାର୍ମିକ ବିଶ୍ୱାସକୁ କୁଠାରଘାତ କରିଛନ୍ତି, 'ଲକ୍ଷ୍ମୀର ଅଭିସାର' ଗଳ୍ପ ଅବଲମ୍ବନରେ ଆଲୋଚନା କର। 15

* * *